# 'ସହଭାଗିତା, ସହଯୋଗ ସଫଳତାର ମୂଳମନ୍ତ୍ର'

କଳିଙ୍ଗନଗର,୧୭/୧୧(ଇମିସ): ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ଅନୁଷ୍ଠିତ ଭେଣ୍ଡର ବୈଠକରେ ସହଭାଗିତା, ସହଯୋଗ ଓ ଦଳଗତ ଉଦ୍ୟମ ରହିଲେ ସଫଳତା ମିଳିଥାଏ ବୋଲି ମତ ପ୍ରକାଶ ପାଇଛି । ଆଜି ପୂର୍ବାହ୍ନରେ କାରଖାନା ଟାଉନସିପ ଠାରେ ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶଶିଶେଖର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମ୍ପାନିର ଭେଣ୍ଡର, ସପ୍ଲାୟର, ଯୋଗଦେଇ ମତ ବିନିବନ୍ୟ କରିଥିଲେ। ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ନୀଳାଚଳର ଦୁଇଟି ଖଣିକୁ ପରିବେଶ ମଞ୍ଜୁରି ପ୍ରଦାନ ସମ୍ପର୍କରେ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମହାନ୍ତି ସୂଚନା ଦେବା ସହ ପୁରୁଣା ବ୍ଲାଷ୍ଟଫର୍ଣ୍ଣେସର କ୍ୟାପିଟାଲ ରିପ୍ୟାରିଂ ୫ ମାସରେ ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ । ମୂଲ୍ୟଯୁକ୍ତ ଉତ୍ପାଦନ ଉପରେ ନୀଳାଚଳ ଗୁରୁତ୍ୱ ଦେବା ସହ ତାର ସମସ୍ତ ଅଂଶୀଦାର, ଭେଣ୍ଡର ଓ ସପ୍ଲାୟର(ଯୋଗାଣ କାରୀ)ଙ୍କ ସହ ପୂର୍ବ ଭଳି ସମ୍ପର୍କ ଓ ସମନ୍ୱୟ ବଜାୟ ରଖିବ । ୨୦୦୪ ମସିହାରୁ ନୀଳାଚଳ ଦେଶର ସର୍ବାଧିକ ପିଗ ଆଇରନ ରପ୍ତାନିକାରୀ କମ୍ପାନି ଭାବେ ସୁଖ୍ୟାତି ରହିଥିବା ସେ ସୂଚନା ଦେଇଥିଲେ । ଏମଏମଟିସି, ଇପିକଲ ଓ ଏମସି ତଥା ଅନ୍ୟାନ୍ୟ ସରକାରୀ ଏଜେନସିର ମିଳିତ ସହଯୋଗରେ ନୀଳାଚଳ ଷ୍ଟିଲ୍ ବିଲେଟ୍, ପିଗ ଆଇରନ, ଏଲ୍ଏଏମ୍ କୋକ, ନଟ୍ କୋକ୍, କୋକ୍ ବ୍ରିଜ୍, କୁର ଟାର୍, ଆମୋନିୟମ ସଲଫେଟ୍, ଗ୍ରାନୋଲେଟେଡ ସ୍ଲାଗ ଉତ୍ପାଦନ କରିଥାଏ ବୋଲି ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଶଶିକାନ୍ତ ବି ଜଗଦାଲେ ସୂଚନା ଦେବା ସହ ଏକ ପରିବାର ଭଳି ସମସ୍ତେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର୍.କେ ଝା, ମାନବ ସମ୍ବଳ ବିଭାଗ ଜିଏମ୍ ଟିଏସ କେ ଶ୍ରଫଙ୍କ ସମେତ କାରଖାନାର ବରିଷ୍ଠ ଅଧିକାରୀ ରାଜ୍ୟ ତଥା ରାଜ୍ୟ ବାହାରର ଭେଣ୍ଡର ଓ ସପ୍ଲାୟରମାନେ ବୈଠକରେ ଅଂଶ ଗ୍ରହଣ କରି ଆଲୋଚନା କରିଥିଲେ ।

**ନୀଳାଚଳ ଇସ୍ପାତ୍ ପକ୍ଷରୁ 'ଭେଣ୍ଡର ମିଟ୍'**